# ଣ୍ଟ, ଣ୍ଠ

**STUDY NOTES**

## MIND MAP



ଆଲୋଚ୍ୟ ପାଠରେ ‘ଣ୍ଟ’ ଏବଂ ‘ଣ୍ଠ’ ଥିବା ଯୁକ୍ତାକ୍ଷର ଗୁଡ଼ିକୁ ଶିକ୍ଷା ପ୍ରଦାନ କରାଯିବ । ଉକ୍ତ ଯୁକ୍ତାକ୍ଷର ଗୁଡ଼ିକର ଗଠନରୀତି ଏବଂ ଉଚ୍ଚାରଣବିଧି ଶିକ୍ଷାଦାନ କରାଯିବ ।

ନୀଳକଣ୍ଠବାବୁ କନ୍ଧମାଳ ଅଞ୍ଚଳର ଜଣେ ଜଣାଶୁଣା ଲୋକ। ତାଙ୍କର ସକାଳୁ ଘଣ୍ଟ ଘଣ୍ଟା ବଜାଇ ଠାକୁର ପୂଜା ଚାଲେ। ଥରେ ସେ ତୀର୍ଥଯାତ୍ରାରେ ବାହାରିଲେ। ସାଙ୍ଗରେ ଲଣ୍ଠନ, ଶୁଣ୍ଠି, କଣ୍ଠାମୁଢ଼ି ଭଜା ପ୍ରଭୃତି ଗଣ୍ଠିଲିରେ ଏକତ୍ର କଲେ। ସମୟକୁ କଣ୍ଟ କରି ନୀଳକଣ୍ଠ ବାହାରି ପଡ଼ିଲେ। ବାଟରେ ଏକ ନଦୀ ପଡ଼ିଲା। ସେଠାରେ ସେ କଣ୍ଟିଆମାଛ ଓ ଥଣ୍ଟିଆ ମଗର ଦେଖିବାକୁ ପାଇଲେ। ସେ ଘଣ୍ଟାଏ ଠିଆ ହୋଇ ସେମାନଙ୍କୁ ଦେଖିଲେ। ତାଙ୍କ ଗଣ୍ଠିଲିରୁ କିଛି କଣ୍ଠାମୁଢ଼ି ମାଛକୁ ଖାଇବାକୁ ଦେଲେ। ଲଣ୍ଠନକୁ କାଢ଼ି ରାତିରେ ଜାଳିଲେ। ଶୋଷରେ ତଣ୍ଟି ଶୁଖିଯିବାରୁ ନଦୀରୁ ପାଣି ପିଇ ପାଖ ଗାଁକୁ ବାହାରିଲେ। ସେଠି କେତେ ଘଣ୍ଟା ବିଶ୍ରାମ ନେଇ ପରଦିନ ପୁଣି ନିଜ ଗଣ୍ଠିଲି ନେଇ ଆଗକୁ ଗଲେ। ଠାକୁରଙ୍କ ପାଖରେ ଘଣ୍ଟ ଘଣ୍ଟା ବାଜୁଥିଲା। ପୂଜାରୀ ଘଣ୍ଟି ଓ ଶଙ୍ଖ ବଜାଇ ପୂଜା କରୁଥିଲେ। ନୀଳକଣ୍ଠବାବୁ ସେଠାରେ ହାତଯୋଡ଼ି ଠାକୁରଙ୍କୁ ପ୍ରାର୍ଥନା କଲେ।

◆◆◆